# ଓଡ଼ିଶା ବିଧାନସଭା

(ଏକାଦଶ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୫ ନଭେମ୍ବର ୨୦୨୨

----

[ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସରକାରୀ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ - ଶକ୍ତି ଶିଳ୍ପ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ମଞ୍ଜୁର ଦିଆଯାଇଥିବା ବୃହତ ଓ ମଧ୍ୟମ ଶିଳ୍ପ

***31 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୧୯-୨୦ ଆର୍ଥିକ ବର୍ଷ ଆରମ୍ଭରୁ ରାଜ୍ୟରେ କେତୋଟି ବୃହତ୍ତ ଓ ମଧ୍ୟମ ଶିଳ୍ପ ସ୍ଥାପନକୁ ମଞ୍ଜୁରୀ ଦିଆଯାଇଛି ଏବଂ ତନ୍ମଧ୍ୟରୁ କେତୋଟି ଶିଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେଣି ଓ ସେସବୁର ପ୍ରକଳ୍ପ ଅଟକଳ ତଥା ନିଯୁକ୍ତି କ୍ଷମତା କେତେ ଏବଂ ମଞ୍ଜୁରୀ ହୋଇଥିବା ଅନ୍ୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ଓ ସେଗୁଡ଼ିକର ପ୍ରକଳ୍ପ ଅଟକଳ, ନିଯୁକ୍ତି ସାମର୍ଥ୍ୟ କେତେ, ସେସବୁ ଗୁଡ଼ିକର ତାଲିକା, ନିର୍ମାଣସ୍ଥାନ, ପ୍ରକଳ୍ପ ଅଟକଳ, ଉତ୍ପାଦିତ ସାମଗ୍ରୀର ନାମ, ନିଯୁକ୍ତି କ୍ଷମତା, ପ୍ରକଳ୍ପ ଉତ୍ପାଦନ ଆରମ୍ଭ କରିବାର ସମୟ ଏବଂ ଅନ୍ୟାନ୍ୟ ଶିଳ୍ପ ସମ୍ପର୍କିତ ବିବରଣୀ ପ୍ରଦାନ କରିବେ କି ?

----

### Social Security Scheme ଜରିଆରେ Pension ପ୍ରଦାନ

***32 ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅବିଭକ୍ତ KBK ଜିଲ୍ଲାର ୫୦ଟି ବ୍ଲକରେ ରାଜ୍ୟ ସରକାର ବିଭିନ୍ନ Social Security Scheme ଜରିଆରେ ମୋଟ କେତେ ଜଣ ଲୋକମାନଙ୍କୁ ବିଭିନ୍ନ Pension ଯୋଜନାରେ ଅନ୍ତର୍ଭୁକ୍ତ କରି Pension ଦେଉଛନ୍ତି ଏବଂ କେତେ ଜଣ ହିତାଧିକାରୀ online pension ପାଇଁ ଆବେଦନ କରିଛନ୍ତି ଏହାର Block ୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଅବିଭକ୍ତ KBK ଜିଲ୍ଲାମାନଙ୍କରେ ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ସରକାର ଜାଣନ୍ତି କି ; ଏହି ସମସ୍ତ online pension ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କୁ ସରକାର କେଉଁ ସମୟସୀମା ଭିତରେ pension ଯୋଗାଇ ଦେବେ?

----

## ହସ୍ତଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

*33 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ହସ୍ତଶିଳ୍ପ ମାଧ୍ୟମରେ କେଉଁ ଜିଲ୍ଲାରେ କେତେଜଣଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରାଯାଇଛି, ପ୍ରକାଶ କରି ହସ୍ତଶିଳ୍ପ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟୁତ୍ ଶୁଳ୍କ କମାଇବାକୁ ପଦକ୍ଷେପ

*34 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଟାଟା କମ୍ପାନୀ ବିଦ୍ୟୁତ୍ ବିତରଣ ନେବା ପୂର୍ବରୁ ଘରୋଇ ଓ ବ୍ୟବସାୟିକ ବିଦ୍ୟୁତ୍ ଶୁଳ୍କ କ'ଣ ଥିଲା ଏବଂ ବର୍ତ୍ତମାନ କ'ଣ ଅଛି, ବିଦ୍ୟୁତ୍ ଶୁଳ୍କ ବଢିବା ଦ୍ୱାରା ଗରିବ ଜନସାଧାରଣ ଉପରେ ବୋଝ ଉପରେ ଲଳିତା ବିଡା କି, ସରକାର ବିଦ୍ୟୁତ୍ ଶୁଳ୍କ କମାଇବା ଉପରେ ପଦକ୍ଷେପ ନ ନେବାର କାରଣ କ'ଣ, ଭୁବନେଶ୍ୱରରେ ବିଦ୍ୟୁତ୍ ଅଣ୍ଡରଲାଇନ୍ କେବୁଲ୍ କାମ କେବେସୁଦ୍ଧା ସରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଏବଂ ଜଟଣୀରେ କେବେ ଅଣ୍ଡର କେବୁଲ ଲାଇନ୍ କାମ ହେବ ଜଣାଇବେ କି ?

----

## ଚମଡ଼ା ଜୋତା ଶିଳ୍ପ ପ୍ରତିଷ୍ଠା

*35 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲାଠାରେ ଦିର୍ଘ ଦୁଇଶହ ବର୍ଷରୁ ଉର୍ଦ୍ଧ ସମୟ ଧରି ପାରମ୍ପରିକ ଭାବେ ହାତ ତିଆରି ଚମଡ଼ା ଜୋତା ପ୍ରସ୍ତୁତ କରୁଥିବା ସମ୍ପୃକ୍ତ ସମ୍ପ୍ରଦାୟର ଲୋକମାନଙ୍କ ଆର୍ଥିକ ବିକାଶ ନିମନ୍ତେ କି କି ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରାଯାଇଛି, ଦଶପଲ୍ଲାର ଏହି ହାତ ତିଆରି ଚମଡ଼ା ଜୋତାର ରାଜ୍ୟ ଏବଂ ରାଜ୍ୟ ବାହାରେ ବେସ ଚାହିଦା ଥିବାରୁ ଉକ୍ତ କାର୍ଯ୍ୟକୁ ନେଇ ଏକ ସ୍ୱତନ୍ତ୍ର ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଓ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ତ୍ୱରିତ ପ୍ରଦକ୍ଷେପ ଗ୍ରହଣ କରିବେ କି ?

----

## ସରକାରୀ ଉଦ୍ୟୋଗରେ ଖାଲିଥିବା 4ର୍ଥ ଶ୍ରେଣୀ ପଦବୀ

***୨୬ ଶ୍ରୀ ସୁଶାନ୍ତ କୁମାର ରାଉତ (ଭୁବନେଶ୍ୱର-ଉତ୍ତର ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସରକାରୀ ଉଦ୍ୟୋଗ ବିଭାଗର ବର୍ତ୍ତମାନ ସୁଦ୍ଧା କେତେଗୋଟି ଚତୁର୍ଥ ଶ୍ରେଣୀ ପଦବୀ ଖାଲିଅଛି, ସେଥିମଧ୍ୟରୁ SC, ST, OBC, UR ପଦବୀ କେତୋଟି ତା'ର ପୃଥକ ପୃଥକ ଜଣାଇବେ କି ; (ଖ) ଏହି ପଦବୀ ନିଯୁକ୍ତି ପାଇଁ କଣ୍ଟ୍ରାକ୍ଟୁଆଲ ବେସିସରେ ନିଯୁକ୍ତି ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଅନୁଯାଇ ପଦବୀକୁ ପୂରଣ କରିବେ କି, ତା'ର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ସୁନ୍ଦରଗଡ଼ ଜିଲ୍ଲାରେ ଥିବା ବୃହତ୍ ଓ ମଧ୍ୟମ ଶିଳ୍ପ

***37 ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାରେ କେତୋଟି ବୃହତ୍ ଓ ମଧ୍ୟମ ଶିଳ୍ପ ରହିଛି, ଏହିସବୁ ଶିଳ୍ପରେ କେତେ ଜଣ ଯୁବକ ଯୁବତୀ କର୍ମ ସଂସ୍ଥାନ ପାଇଛନ୍ତି, ଗତ ଦୁଇ ବର୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ଶିଳ୍ପ ଓ ଏଥିରେ ନିଯୁକ୍ତି ପାଇଥିବା ଯୁବକ ଯୁବତୀଙ୍କ ସଂଖ୍ୟା ଉଲ୍ଲେଖ କରିବେ ?

----

## ଭିନ୍ନକ୍ଷମଙ୍କୁ ସଶକ୍ତିକରଣ ପାଇଁ ପଦକ୍ଷେପ

***୩୮ ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମଧୁବାବୁ ପେନସନ୍ ଯୋଜନା ଓ ଜାତୀୟ ପେନସନ୍ ଯୋଜନାରେ ରାଜ୍ୟରେ କେଉଁ କେଉଁ ଶ୍ରେଣୀର କେତେ ସଂଖ୍ୟକ ବ୍ୟକ୍ତି ଭତ୍ତା ପାଉଛନ୍ତି କହିବା ସହିତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସଶକ୍ତିକରଣ କରିବାରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ; ଭିନ୍ନକ୍ଷମଙ୍କ ପାଇଁ UDID Certificate/Card ପାଇବାରେ ବିଳମ୍ବ ହେବାର କାରଣ କଣ ; ରାଜ୍ୟରେ ଭିନ୍ନକ୍ଷମ ବ୍ୟକ୍ତି କିପରି ସୁବିଧାରେ ଭିନ୍ନକ୍ଷମ Certificate ପାଇ ପାରିବେ ସେଥିପାଇଁ ସରକାର ଦୃଷ୍ଟି ଦେବେ କି?

----

## ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ପଦକ୍ଷେପ

***୩୯ ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ଜିଲ୍ଲାରେ କେଉଁ କେଉଁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେଜଣ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ରବୟନ କାର୍ଯ୍ୟରେ ନିଯୋଜିତ ଅଛନ୍ତି ଓ ଏହି ସମିତି ମାନଙ୍କୁ ବିଗତ ତିନି ବର୍ଷରେ କେତେ ମୂଲ୍ୟରେ ବସ୍ତ୍ର ପ୍ରସ୍ତୁତି ହୋଇଛି ପ୍ରକାଶ କରି ଅନୁଗୋଳ ଜିଲ୍ଲାରେ ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ ସଂଯୋଗ

*40 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେତେ ସହରାଞ୍ଚଳରେ ବିଦ୍ୟୁତ ଖୁଣ୍ଟିମାନ ହଟାଯାଇ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ ଶକ୍ତି ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି ଏଗୁଡିକ ମଧ୍ୟରେ ଜୟପୁର ସହର ଅଛି କି, (ଖ) ଜୟପୁର ଏକ ପୁରାତନ ତଥା ଜନାକୀର୍ଣ୍ଣ ସହର ହୋଇଥିବାରୁ ତୁରନ୍ତ ସେଠାରୁ ବିଦ୍ୟୁତ ଖୁଣ୍ଟ ହଟାଯାଇ ଭୂତଳ କେବୁଲ ମାଧ୍ୟମରେ କାମ ଆରମ୍ଭ ହେବ କି, ଏହାଦ୍ୱାରା ବିଦ୍ୟୁତ ଚୋରୀକୁ ରୋକାଯାଇ ପାରିବ ବୋଲି ସରକାର ଭାବୁନାହାଁନ୍ତି କି?

----

## ବେକାର ଯୁବକ ଯୁବତୀ ମାନଙ୍କୁ ନିର୍ଭରଶୀଳ ପାଇଁ ପଦକ୍ଷେପ

*41 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଉତ୍ପାଦନ ହେଉଥିବା ଜଙ୍ଗଲଜାତ ଦ୍ରବ୍ୟକୁ ପ୍ରକ୍ରିୟାକରଣ କରି କିଭଳି ଅଧିକ ଆୟ କରାଯିବା ପାଇଁ ସରକାର କି କି ଆକର୍ଷଣୀୟ ପଦକ୍ଷେପ ନେଉଛନ୍ତି ତଥ୍ୟ ଦେବେ କି, ବେକାର ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ପାଇଁ ବଡ ବଡ କମ୍ପାନୀ ପ୍ରକ୍ରିୟାକରଣ କରିବାକୁ କଣ ସବୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ?

----

## ବନ୍ଦ ହୋଇଥିବା ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା

*42 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁ ଜିଲ୍ଲାରେ କେତେ ଶିଳ୍ପ କାରଖାନା ଗତ10 ବର୍ଷ ମଧ୍ୟରେ ପ୍ରତିଷ୍ଠିତ ହୋଇଛି ଏବଂ ପୁରାତନ ଶିଳ୍ପ କାରଖାନା ବନ୍ଦ ହୋଇଛି ତାହାର ଏକ ତାଲିକା ଉପସ୍ଥାପନ କରିବେ କି, ଏହି ଶିଳ୍ପ କାରଖାନା ବନ୍ଦ ହେବାର କାରଣ କ'ଣ, ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠିତ 2ଟି ଶିଳ୍ପ କାରଖାନା ଯଥା Birla Tyres ଏବଂ Balasore Alloys ଦୀର୍ଘଦିନ ହେଲା ବନ୍ଦ ହେବାର କାରଣ କ'ଣ, ଏଠାରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ ବିଭିନ୍ନ ଆର୍ଥିକ ସମସ୍ୟା ମଧ୍ୟରେ ଗତି କରୁଛନ୍ତି, ଏହାର ସମାଧାନ ପାଇଁ ସରକାର କ'ଣ ବ୍ୟବସ୍ଥା କରିଛନ୍ତି ତାହା ଜଣାଇବେ କି ?

----

## ଭିନ୍ନକ୍ଷମ ମାନଙ୍କୁ Battery ଚାଳିତ Tricycle ଯୋଗାଇବା

***43** **ଶ୍ରୀ ରାଜକିଶୋର ଦାସ (ମୋରଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tri-cycle ଚଳାଇପାରୁନଥିବା ଭିନ୍ନକ୍ଷମ ମାନଙ୍କ ପାଇଁ Battery ଚାଳିତ Tri-cycle ଦିଆଯିବାର ଆବଶ୍ୟକତା ଅଛି, ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ Battery ଚାଳିତ Tri-cycle ଦିଆଯିବା ପାଇଁ ସରକାରଙ୍କ ପାଖରେ କୌଣସି ଯୋଜନା / ପ୍ରସ୍ତାବ ଅଛି କି ?

----

## ଅଚଳ OTMକୁ ପୁନଃ କାର୍ଯ୍ୟକ୍ଷମ

***44** **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାରଠାରେ ଥିବା ଅଚଳ ଓଟିଏମକୁ କାର୍ଯ୍ୟକ୍ଷମ କରିବା, ଅଥବା ଏହି ସ୍ଥାନରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗ୍ରୀଡକୋକୁ ବିଦ୍ୟୁତ ବିକ୍ରି

***45** **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉତ୍ପାଦନକ୍ଷମ ଘରୋଇ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା (IPP) ଗୁଡିକ ରାଜ୍ୟ କ୍ୱୋଟା ବାବଦରେ ଗ୍ରୀଡକୋକୁ କେତେ ବିଦ୍ୟୁତ ବିକ୍ରି କରିବାକୁ ଚୁକ୍ତିବଦ୍ଧ, ଗତ ୫ ବର୍ଷରେ IPP ଗୁଡିକରୁ କେତେ ବିଦ୍ୟୁତ ଉତ୍ପାଦିତ ହୋଇଛି ଓ ସେଥିରୁ ଗ୍ରୀଡକୋ କେତେ ପାଇଛି ଏବଂ ଅବଶିଷ୍ଟ ବିଦ୍ୟୁତକୁ IPP ମାନେ କେଉଁ କେଉଁ ସଂସ୍ଥାକୁ ବିକିଛନ୍ତି - ଗତ ୫ ବର୍ଷର ବର୍ଷୱାରୀ ତଥ୍ୟ ଦେବେ କି ?

----

## ଗଜପତି ଜିଲ୍ଲାରେ ମକ୍କା Processing ଶିଳ୍ପ ସ୍ଥାପନ

***46** **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲାରେ ମକ୍କା Processing କରିବା ପାଇଁ ଏବଂ ଘାସରୁ ତୈଳ ଉତ୍ପାଦନ ପାଇଁ କି ପ୍ରକାର ପଦକ୍ଷେପ ମାନ ନେଉଛନ୍ତି ଏବଂ ଏସମସ୍ତ Industries କେବେ ସୁଦ୍ଧା ବସାଯାଇ ଉତ୍ପାଦନ କ୍ଷମ ହୋଇପାରିବ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## କୁର୍ଲୁପଡା ଠାରେ ଶିଳ୍ପ ସ୍ଥାପନ ପାଇଁ ଜମି ଅଧିଗ୍ରହଣ

***47** **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେଉଁ କେଉଁ ଜିଲ୍ଲାକୁ No district ରେ ଅନ୍ତଃଭୁକ୍ତ କରାଯାଇଅଛି ଏ ସମସ୍ତ ଜିଲ୍ଲା ପାଇଁ କି କି Industries (ଶିଳ୍ପ)କୁ ଭବିଷ୍ୟତରେ ନେବାର ସମ୍ଭାବନା ଅଛି ; ଏ ଦିଗରେ କେଉଁ ଅନୁଷ୍ଠାନ ମାଧ୍ୟମରେ ଅନୁସନ୍ଧାନ କରାଯାଇଅଛି ଜଣାଇବେ କି ; କେସିଙ୍ଗା ବ୍ଲକର କୁର୍ଲୁପଡା ଠାରେ IDCO ଦ୍ୱାରା ଅଧିଗ୍ରହଣ କରାଯାଉଥିବା ଜମି କେଉଁ ଶିଳ୍ପ ଓ କେତେ କେତେ ଅର୍ଥ ବିନିଯୋଗରେ ଆରମ୍ଭ କରିବା ପାଇଁ ସ୍ଥିର କରାଯାଉଅଛି ; (ଖ) କେସିଙ୍ଗାର Spinning Mill କରିବାର କୌଣସି ପ୍ରସ୍ତାବ ଅଛି କି ; ସେହିପରି ଜୁନାଗଡ ବ୍ଲକର ବନ୍ଦ ହୋଇ ଯାଇଥିବା ଚିନିକଳ କେତେ ଏକର ଜମିରେ ନିର୍ମାଣ ହୋଇଥିଲା ଏହାର ଭବିଷ୍ୟତ କଣ ଓ ଏ ଜମିରେ ପୁନଃର୍ବାର ଚିନିକଳ କରିବା ପାଇଁ ବ୍ୟବସ୍ଥା ଅଛି କି?

----

## ଭତ୍ତା ପାଇବା ପାଇଁ pending ଥିବା ଦରଖାସ୍ତ

***48 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ତା. 31.10.2022 ସୁଦ୍ଧା ରାଜ୍ୟର କେଉଁ ଜିଲ୍ଲାରେ କେଉଁ ବୟସର କେତେଜଣ ଯୋଗ୍ୟ ବରିଷ୍ଠ ନାଗରିକ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇବା ପାଇଁ ଦେଇଥିବା କେତେ ସଂଖ୍ୟକ ଦରଖାସ୍ତ pending ରହିଅଛି, ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଦେବା ଓ ଭତ୍ତା ପାଇବାକୁ Death Vacancy କୁ ଅପେକ୍ଷା କରି ନିଜେ ମୃତ୍ୟୁକୁ ସାମନା କରୁଥିବା ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇ ସେମାନଙ୍କୁ ମାନସିକସ୍ତରରେ ବଳ ଯୋଗାଇବା ପାଇଁ ସରକାର ବର୍ତ୍ତମାନ ପ୍ରଚଳିତ ସାମାଜିକ ସୁରକ୍ଷା ଯୋଜନାର ଭତ୍ତା ମଂଜୁରୀ ନୀତି ତଥା ନିର୍ଦ୍ଦେଶାବଳୀକୁ ପରିବର୍ତ୍ତନ କରି ଯୋଗ୍ୟ ବରିଷ୍ଠ ନାଗରିକମାନେ 60 ବର୍ଷରେ ଉପନୀତ ହେଲେ Death Vacancy କୁ ଅପେକ୍ଷା ନ କରି ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ଭତ୍ତା ମଂଜୁର କରିବା ପାଇଁ ମୋ ପ୍ରସ୍ତାବକୁ ନୀତିଗତ ଭାବରେ ସରକାର ଗ୍ରହଣ କରିବେକି, (ଖ) ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ସାମାଜିକ ସୁରକ୍ଷା ଯୋଜନାରେ ଦିଆଯାଉଥିବା ମାସିକ ଭତ୍ତାକୁ ସରକାର upto 2000 ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବେକି?

----

## ବନ୍ଦ ହୋଇଥିବା ସୂତାକଳର ପୁନରୁଦ୍ଧାର

***49 ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ସୂତାକଳ ବନ୍ଦ ହୋଇ ପଡିଛି ଓ ସେଗୁଡିକର ଠିକଣା ସହ ସେଗୁଡିକ ପୁନରୁଦ୍ଧାର ପାଇଁ ସରକାର କି ପ୍ରକାର ଚେଷ୍ଟା କରୁଛନ୍ତି କହିବେ କି, ସୂତାକଳ ଗୁଡିକରେ ବନ୍ଦ ଓ ରଗ୍ଣ ହେବାର କାରଣ ଖୋଜି ନିରାକରଣ ପାଇଁ ବାଟ ବାହାର ସରକାର କରିବେ କି, ବନ୍ଦ ହୋଇଥିବା ସୂତାକଳ ଗୁଡିକରେ କାମ କରୁଥିବା କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ପୁନର୍ବାର ଚାଲୁ କରିବା ପାଇଁ ପଦକ୍ଷେପ ନେବେ କି ?

----

## ନୂତନ ଗ୍ରୀଡ଼ ସବଷ୍ଟେସନ ସ୍ଥାପନ

*50 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- NAC ବାଙ୍କୀ ଅଞ୍ଚଳର କ୍ରମ ବର୍ଦ୍ଧିଷ୍ଣ ଜନସଂଖ୍ୟା ଦୃଷ୍ଟିରୁ ଏବଂ ବାରଙ୍ଗବ୍ଲକ ଅନ୍ତର୍ଗତ ରାମଦାସପୁରଠାରେ ଛୋଟ, ବଡ଼ ଅନେକ ଶିଳ୍ପାନୁଷ୍ଠାନ ଥିବା କାରଣରୁ ଏହି ଅଞ୍ଚଳରେ ଅଧିକାଂଶ ସମୟରେ Low Voltage ଜନିତ ଅସୁବିଧାରୁ ବିଦ୍ୟୁତ ଉପଭୋକ୍ତାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ଏଣୁ NAC ବାଙ୍କୀରେ ଗୋଟିଏ ଏବଂ ବାରଙ୍ଗ ବ୍ଲକ ରାମଦାସପୁରଠାରେ ଗୋଟିଏ ଏପରି 2 ଗୋଟି ନୂତନ ଗ୍ରୀଡ୍ ସବଷ୍ଟେସନ ଖୋଲିବା ଦିଗରେ ପଦକ୍ଷେପ ନେବେ କି ?

----

## ନୂତନ ଶିଳ୍ପ ପାଇଁ ପ୍ରସ୍ତାବ

*51 **ମୋହମ୍ମଦ ମୋକିମ୍ (ବାରବାଟି-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ସରକାରୀ ବା ଘରୋଇ ଉଦ୍ୟୋଗ ଜରିଆରେ ନୂତନ ଶିଳ୍ପ ପାଇଁ କୌଣସି ପ୍ରସ୍ତାବ ଅନୁମୋଦିତ ହୋଇଅଛି କି, ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ଯଦି ଉତ୍ତର 'ନାଁ' ତେବେ ନୂତନ ଶିଳ୍ପ ପାଇଁ ସରକାର ବିଚାର କରିବେ କି ?

----

## ଶିଳ୍ପ କ୍ଷେତ୍ର ପାଇଁ ହୋଇଥିବା ପୁଞ୍ଜି ନିବେଶ

*52 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ୧୦ ବର୍ଷ ମଧ୍ୟରେ ଆଇଟି / ଆଇଟିଇଏସ୍, ସ୍ୱାସ୍ଥ୍ୟସେବା, ପେଟ୍ରୋକେମିକାଲ୍ସ, ଇଏସଡିଏମ୍ ଏବଂ ଡାଟାସେଣ୍ଟର ଏବଂ ମେଟାଲ୍ ଏବଂ ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଆଦି କ୍ଷେତ୍ରରେ ପୁଞ୍ଜି ନିବେଶ କରି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାର କି କି ବିଶେଷ ପଦକ୍ଷେପ ଗ୍ରହଣ କରି କେତେ ସଫଳତା ହାସଲ କରିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ହୋଇଥିବା ପୁଞ୍ଜି ନିବେଶ ମଧ୍ୟରୁ ଉପରୋକ୍ତ କେଉଁ କେଉଁ କ୍ଷେତ୍ରରେ କେତେ ପ୍ରତିଶତ ପୁଞ୍ଜି କେଉଁ ବର୍ଷ ନିବେଶ ହୋଇଛି ଓ କେଉଁ କେଉଁ କ୍ଷେତ୍ରରେ କେତେ କର୍ମନିଯୁକ୍ତି ସୃଷ୍ଟି ହୋଇଛି ତାହା ପ୍ରକାଶ କରିବେ କି ?

----

## Increase the all pension

*53 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the minister take steps to increase all pension scheme keeping raising price other important factor to meet daily need of these people ?

----

## ନୂତନ 33 KV Transformer ସ୍ଥାପନ

*54 **ଶ୍ରୀ ପ୍ରଭୁ ଜାନୀ (ଲକ୍ଷ୍ମିପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କେତୋଟି ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ଏବଂ କେଉଁ ଗ୍ରାମ ଗୁଡିକରେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ, ଏହାର ଗ୍ରାମ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି, ଏବଂ ବିଦ୍ୟୁତ୍ ସଂଯୋଗ କରାଯାଇନଥିବା ଗ୍ରାମ ଗୁଡିକରେ କେବେସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବ କହିବେ କି ; ଏବଂ (ଖ) କେଉଁ କେଉଁ ଗ୍ରାମରେ 33 KV Transformer ଓ କେଉଁ କେଉଁ ଗ୍ରାମରେ 11 KV Transformer ସ୍ଥାପନ କରାଯାଇଛି ଏହାର ତାଲିକା ପ୍ରଦାନ କରିବେ କି, ଯେଉଁ ଗ୍ରାମରେ 11 KV Transformer ସ୍ଥାପନ ହୋଇଛି ସେହି ଗ୍ରାମ ଗୁଡିକରେ କେବେସୁଦ୍ଧା 33 KV Transformer ସ୍ଥାପନ କରାଯିବ କହିବେ କି ?

----

## ଢ଼େଙ୍କାନାଳ ଜିଲ୍ଲାରେ ଥିବା ଭାରୀଶିଳ୍ପ

*55 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଢ଼େଙ୍କାନାଳ ଜିଲ୍ଲାରେ କେଉଁ କେଉଁ ଭାରୀଶିଳ୍ପ ପ୍ରତିଷ୍ଠା ହୋଇଥିଲା ବେଳେ ତନ୍ମଧ୍ୟରୁ କେଉଁଗୁଡ଼ିକ କେବେଠାରୁ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭିନ୍ନକ୍ଷମ ମାନଙ୍କୁ ସଶକ୍ତିକରଣ କରିବା

*56 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀରେ ଭିନ୍ନକ୍ଷମ ମାନଙ୍କର ସଶକ୍ତିକରଣ ନିମନ୍ତେ ବାର୍ଷିକ ବ୍ୟୟ କେତେ ଓ ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ପାଇଁ କେଉଁ କେଉଁ ଯୋଜନା ଏବଂ କାର୍ଯ୍ୟକ୍ରମ ବାବଦରେ କେତେ ଟଙ୍କା ବ୍ୟୟ କରାଯାଇ କେତେ ଜଣଙ୍କୁ ରୋଜଗାରକ୍ଷମ କରାଯାଇଛି ତାହାର ଗତ 5 ବର୍ଷର ତଥ୍ୟ ପ୍ରଦାନ କରିବେ କି ?

----

## ରାଜ୍ୟରେ ଉତ୍ପାଦିତ ହେଉଥିବା ବିଦ୍ୟୁତ ଶକ୍ତି

*57 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କେତେ ପରିମାଣରେ ଶକ୍ତି ଉତ୍ପାଦିତ ହେଉଛି, ସେଥିରୁ କେତେ ଜଳ ବିଦ୍ୟୁତରୁ, କେତେ ତାପଜ ବିଦ୍ୟୁତରୁ ଏବଂ ଅନ୍ୟ କେଉଁ ସୂତ୍ରରୁ ମିଳୁଛି, ରାଜ୍ୟରେ ମୋଟ ବିଦ୍ୟୁତ ଉତ୍ପାଦନରେ ବିଶୁଦ୍ଧ ଶକ୍ତିର ଅଂଶ ବଢ଼ାଇବାକୁ ସରକାରଙ୍କର କୌଣସି ଯୋଜନା ରହିଛି କି ଓ ଉତ୍ତର ହଁ ହୋଇଥିଲେ ତାର ବିସ୍ତୃତ ବିବରଣୀ ଦେବେ କି ?

----

## High School ଓ Hospital ଉପରେ ବକେୟା ଥିବା ବିଦ୍ୟୁତ ବିଲ୍

*58 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ TPWODL (TATA POWER) ଦ୍ୱାରା ରାଜ୍ୟରେ ବିଭିନ୍ନ ସରକାରୀ ବେସରକାରୀ ସଂସ୍ଥା ଯଥା-ସରକାରୀ ସ୍କୁଲ, ସରକାରୀ College, grant in aid School, High School, College, Hospital, Pipe water Supply ଏବଂ ସରକାରୀ office ମାନଙ୍କ ଉପରେ ଲକ୍ଷ ଲକ୍ଷ ଟଙ୍କା arrears ବାହାର କରି ବିଦ୍ୟୁତ୍ ଲାଇନ୍ ସଂଯୋଗକୁ କାଟୁଥିବା ସରକାର ଜାଣନ୍ତି କି ; (ଖ) ରାଜ୍ୟ ସରକାର ଏବଂ TPWODL ମଧ୍ୟରେ Agreement ବା ବୁଝାମଣା କଣ ; ଏହି ସବୁ ଉପରୋକ୍ତ ସଂସ୍ଥା ପାଇଁ ସରକାର ଗୋଟିଏ ନିୟମ ପ୍ରଣୟନ କରିବେ କି?

----

## ଟାଙ୍ଗୀ ବ୍ଲକରେ ଥିବା ଭାରୀଶିଳ୍ପ

*59 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର ଟାଙ୍ଗୀ ବ୍ଲକ ଅଞ୍ଚଳରେ କେତେଗୋଟି ଭାରିଶିଳ୍ପ ପ୍ରତିଷ୍ଠା ହୋଇଛି ଓ କେତୋଟି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି, ଏହାର କାର୍ଯ୍ୟକାରିତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା

*60 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କେଉଁ କେଉଁ ସ୍ଥାନରେ ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସମ୍ମିଳନୀ କରିଥିଲେ, କେଉଁ ସ୍ଥାନର ସମ୍ମିଳନୀରୁ କେଉଁ କେଉଁ ଶିଳ୍ପ ସଂସ୍ଥା ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି, କେଉଁ ସଂସ୍ଥା ମାନଙ୍କ ସହିତ ଚିକ୍ତିନାମା ସରିଛି ଜଣାଇବେ କି, ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକ ଶିଳ୍ପପତି ଆଗ୍ରହ ପ୍ରକାଶ ନ କରିବାର କାରଣ କ'ଣ ମତ ରଖିବେ କି ?

----